# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**12 March - 2024**

**News Editor : Tapan Kumar Moharana**

******************************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର-ବିଶାଖାପାଟଣାକୁ ମିଶାଇ ୧୦ଟି ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳର ଆଜି ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ
- ନାଗରିକତା ସଂଶୋଧନ ଆଇନ ଅଧୀନରେ ଆବେଦନ କରିବା ପାଇଁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଖୋଲାଯାଇଛି ୱେବ୍ ପୋର୍ଟାଲ
- ମହିଳା କର୍ମଚାରୀମାନଙ୍କ ପାଇଁ ବାର୍ଷିକ ୨୫ ଦିନର ସାମୟିକ ଛୁଟି ଘୋଷଣା କଲେ ରାଜ୍ୟ ସରକାର

— ବିଭିନ୍ନ ବର୍ଗର ପଞ୍ଚାୟତ ପ୍ରତିନିଧିମାନଙ୍କ ପାରିତୋଷିକ ଓ ଭତ୍ତା ବୃଦ୍ଧି କଲେ ରାଜ୍ୟ ସରକାର

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଅନୁଷ୍ଠିତ ହେବ ବନକଲାଗି ନୀତି

# ବନ୍ଦେ ଭାରତ ଏକ୍ସପ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ଣରେ ଆଭାସୀ ମାଧ୍ୟମରେ ରାଜ୍ୟର ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନ୍ ଭୁବନେଶ୍ୱର-ବିଶାଖାପାଟଣା ମଧ୍ୟରେ ଚଳାଚଳ ଆରମ୍ଭ କରିଛି ।   ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଖୋର୍ଦ୍ଧାରୋଡ୍, ବାଲୁଗାଁ, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ୍ ରୋଡ୍ ଏବଂ ବିଜୟନଗରମ୍‌ଠାରେ ରହଣି କରିବ । ଆଜି ଟ୍ରେନ୍‌ଟିର ଟ୍ରାଏଲ୍ ରନ୍ ଆରମ୍ଭ ହୋଇଥିବାବେଳେ ଆସନ୍ତାକାଲିଠାରୁ ନିୟମିତ ଚଳାଚଳ କରିବ ବୋଲି ରେଳବାଇ ସୂତ୍ରରୁ ଜଣାପଡିଛି । ଏଥିସହିତ ପ୍ରଧାନମନ୍ତ୍ରୀ ପୁରୀରୁ ଅଯୋଧ୍ୟା ଟ୍ରେନ୍ ଚଳାଚଳର ମଧ୍ୟ ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ଆଜି ଶୁଭାରମ୍ଭ କରିଥିବା ୧୦ଟି ବନ୍ଦେ ଭାରତ ଟ୍ରେନ୍‌କୁ ମିଶାଇ ବର୍ତ୍ତମାନ ସୁଦ୍ଧା ଦେଶର ୫୦ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳକୁ ଶୁଭାରମ୍ଭ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଓଡ଼ିଶାରେ ‘ଏକ ଷ୍ଟେସନ ଏକ ଉତ୍ପାଦ’ ଏବଂ ରେଳ ଷ୍ଟେସନରେ ଜନଔଷଧି ବିକ୍ରୟ କେନ୍ଦ୍ରଗୁଡ଼ିକର ଲୋକାର୍ପଣ କରିଛନ୍ତି । ରେଳ ଷ୍ଟେସନ୍ ଆସୁଥିବା ଯାତ୍ରୀମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରଗୁଡ଼ିକ ବିଶେଷ ସହାୟକ ହେବ   । ଏହା ସହିତ ପ୍ରଧାନମନ୍ତ୍ରୀ ଆଜି  ରାଜ୍ୟର ୨୭୪ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେଥିମଧ୍ୟରେ ଭଦ୍ରକ-ନିର୍ଗୁଣ୍ଡି ରେଳଷ୍ଟେସନ ଓ ହରିଦାସପୁର-ବୈତରଣୀ ତୃତୀୟ ରେଳଲାଇନ୍‌କୁ ଲୋକାର୍ପଣ କରିଛନ୍ତି ।

## ନାଗରିକତା ସଂଶୋଧନ ଆଇନ-ସିଏଏ

କେନ୍ଦ୍ର ସରକାର ଦେଶରେ ନାଗରିକତା ସଂଶୋଧନ ଆଇନ ଲାଗୁ କରିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଆଇନ ବଳରେ ୨୦୧୪ ମସିହା ଡିସେମ୍ବର ୩୧ ତାରିଖ ପୂର୍ବରୁ ପଡୋଶୀ ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶରୁ ଆସିଥିବା ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରାଯିବ । ୬ଟି ସଂଖ୍ୟାଲଘୁ ସଂପ୍ରଦାୟ ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ଶି ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ । ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏହି ତିନି ଦେଶର ୬ଟି ସମ୍ପ୍ରଦାୟର ଲୋକମାନଙ୍କର ଆବେଦନ ପାଇଁ ଏକ ୱେବ୍‌ସାଇଟ୍ ଖୋଲାଯାଇଛି। ୨୦୧୯ ମସିହାରେ ନାଗରିକତା ସଂଶୋଧନ ଆଇନ ସଂସଦରେ ପାରିତ ହୋଇଥିଲେ ମଧ୍ୟ କୋଭିଡ ମହାମାରୀ କାରଣରୁ ଆଇନର କାର୍ଯ୍ୟକାରିତାରେ ବିଳମ୍ବ ଘଟିଥିଲା ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ମହିଳାଙ୍କୁ ଅଧିକ ଛୁଟି

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାର୍ଷିକ ୨୫ ଦିନର ସାମୟିକ ଛୁଟି ଘୋଷଣା କରିଛନ୍ତି।

ସରକାରୀ କର୍ମଚାରୀମାନଙ୍କ ପାଇଁ ସାଧାରଣତଃ ବର୍ଷକୁ ୧୫ ଦିନର ସାମୟିକ ଛୁଟି ଦିଆଯାଉଥିବାବେଳେ ମହିଳା କର୍ମଚାରୀମାନଙ୍କ

କ୍ଷେତ୍ରରେ ରାଜ୍ୟ ସରକାର ଆଉ ଅଧିକ ୧୦ ଦିନର ଛୁଟି ଦେବେ। ମହିଳାମାନଙ୍କ ପାରିବାରିକ ଦାୟିତ୍ୱ ଓ ବିଭିନ୍ନ ସମସ୍ୟାକୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

## ପଞ୍ଚାୟତ ପ୍ରତିନିଧିଙ୍କ ଦରମା ବୃଦ୍ଧି

ରାଜ୍ୟ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାରେ କାର୍ଯ୍ୟରତ ପ୍ରତିନିଧିମାନଙ୍କ ପାରିତୋଷିକ ଏବଂ ଭତ୍ତା ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହି ଘୋଷଣା କରିଛନ୍ତି। ନିଷ୍ପତ୍ତି ଅନୁସାରେ, ସରପଞ୍ଚମାନଙ୍କୁ ପୂର୍ବରୁ ମାସିକୁ ୨ ହଜାର ୩୫୦ ଟଙ୍କା ମିଳୁଥିଲାବେଳେ ଏବେ ସେମାନଙ୍କୁ ୧୦ ହଜାର ଟଙ୍କା ମିଳିବ। ନାଏବ ସରପଞ୍ଚମାନେ ୯୪୦ ଟଙ୍କା ବଦଳରେ ୪ ହଜାର ଟଙ୍କା ପାଇବେ।

ସେହିପରି ଜିଲ୍ଲା ପରିଷଦ ସଭାପତିମାନେ ମାସିକ ୯ ହଜାର ୩୮୦ ଟଙ୍କା ପରିବର୍ତ୍ତେ ୩୦ ହଜାର ଟଙ୍କା ପାରିତୋଷିକ ପାଇବେ। ସେମାନଙ୍କ ଦୈନିକ ଭତ୍ତା ମଧ୍ୟ ୩୦୦ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଜିଲ୍ଲା ପରିଷଦ ଉପ-ସଭାପତିମାନଙ୍କ ପାରିତୋଷିକ ୭ ହଜାର ୪୦ ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ସେମାନଙ୍କ ଦୈନିକ ଭତ୍ତା ମଧ୍ୟ ୩୦୦ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଜିଲ୍ଲା ପରିଷଦ ସଦସ୍ୟମାନେ ପୂର୍ବରୁ ୩ ହଜାର ୫୩୦ ଟଙ୍କା ପାଉଥିବାବେଳେ ଏବେ ୧୦ ହଜାର ଟଙ୍କା ମାସିକ ପାରିତୋଷିକ

ପାଇବେ ଏବଂ ସେମାନଙ୍କ ଦୈନିକ ଭତ୍ତା ମଧ୍ୟ ୩୦୦ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ।

ଏହା ବ୍ୟତୀତ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ପଦବୀରେ ଥିବା ସମୟରେ ମୃତ୍ୟୁ ଘଟିଲେ ଅନୁକମ୍ପାମୂଳକ ସହାୟତା ରାଶି ବାବଦରେ ୨ ଲକ୍ଷ ଟଙ୍କା ମିଳିବ । ସେହିଭଳି ଦୁର୍ଘଟଣାଜନିତ ପୂର୍ଣ୍ଣ ଅକ୍ଷମତା କ୍ଷେତ୍ରରେ ୨ ଲକ୍ଷ, ଆଂଶିକ ଅକ୍ଷମତା କ୍ଷେତ୍ରରେ ୧ ଲକ୍ଷ ଟଙ୍କା ସହାୟତା ଦିଆଯିବ ।

## ଶିକ୍ଷକ ଚୟନ-ଓଡ଼ିଶା ହାଇକୋର୍ଟ

ରାଜ୍ୟ ସରକାରଙ୍କ ପକ୍ଷରୁ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଓସେପା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଯୋଗ୍ୟତା ତାଲିକା- ମେରିଟ୍ ଲିଷ୍ଟକୁ ଓଡ଼ିଶା ହାଇକୋର୍ଟ ଆଜି ଖାରଜ କରିଛନ୍ତି । ହାଇକୋର୍ଟ ଓସେପାର ଜିଲ୍ଲାୱାରୀ ମେରିଟ୍ ଲିଷ୍ଟକୁ ମଧ୍ୟ ଖାରଜ କରିବା ସହ ନିଯୁକ୍ତି ନିୟମାବଳୀ ଅନୁଯାୟୀ ସାନି ମେରିଟ୍ ଲିଷ୍ଟ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ୨୦୨୩ ଅକ୍ଟୋବର ୨୩ ତାରିଖରେ ୨୦ ହଜାର କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଓସେପା ପକ୍ଷରୁ ୧୮ ହଜାର ୮୦୫ ଜଣ ପ୍ରାର୍ଥୀଙ୍କ ମେରିଟ ଲିଷ୍ଟ ପ୍ରକାଶ ପାଇଥିଲା । ଏଥିରେ ଦୁର୍ନୀତି ଓ ଅନିୟମିତତା ହୋଇଥିବା ଅଭିଯୋଗ

କରି ଆଶାୟୀ ପ୍ରାର୍ଥୀମାନେ ଓଡ଼ିଶା ହାଇକୋର୍ଟରେ ମାମଲା ରୁଜୁ କରିଥିଲେ ।

ମାମଲାର ପ୍ରାରମ୍ଭିକ ଶୁଣାଣି କରି ଗତ ଜାନୁଆରୀ ୧୯ ତାରିଖରେ ନିଯୁକ୍ତି ପ୍ରକ୍ରିୟା ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଥିଲେ ।

## ବନକଲାଗି

ଫାଲଗୁନ ଶୁକ୍ଳ ଚତୁର୍ଥୀ ତିଥିରେ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବ । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ସନ୍ଧ୍ୟା ୬ ରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ ।

## ଅଗ୍ନିପଥ - ଅନ୍‌ଲାଇନ୍ ପରୀକ୍ଷା

ଭାରତୀୟ ଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡର ନିଯୁକ୍ତି ରାଲି ନିମନ୍ତେ ସାଧାରଣ ପ୍ରବେଶିକା ପରୀକ୍ଷା-୨୦୨୪ ଲାଗି ଆସନ୍ତାକାଲିଠାରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହେବ । ଏହି ପ୍ରକ୍ରିୟା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । କଟକ, ମୟୂରଭଞ୍ଜ, କେନ୍ଦ୍ରାପଡା, ଜଗତସିଂହପୁର, ନୟାଗଡ, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଏବଂ ଭଦ୍ରକ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ । ଇଚ୍ଛୁକ ପ୍ରାର୍ଥୀ ଭାରତୀୟ ସେନାର

ୱେବସାଇଟ୍ ଙଙଙ.ହକ୍ଟସଭ ସଭୟସବଭ ବକ୍ସଙ୍କଚ.ଭସମ.ସଭ ମାଧ୍ୟମରେ ନାମ ପଞ୍ଜୀକରଣ କରିପାରିବେ।

## ରମ୍‌ଜାନ

ଆଜିଠାରୁ ରମଜାନ ମାସ ଆରମ୍ଭ ହୋଇଛି । ମୁସଲମାନ ସଂପ୍ରଦାୟର ଭାଇଭଉଣୀମାନେ ପବିତ୍ର ରୋଜା ବା ଉପବାସ ଆଜି ପ୍ରାତଃରୁ ଆରମ୍ଭ କରିଛନ୍ତି । ଧାର୍ମିକ ପରମ୍ପରା ଅନୁସାରେ ଏହି ସମୟ ମଧ୍ୟରେ ମୁସଲମାନ ସଂପ୍ରଦାୟର ଲୋକମାନେ ଆତ୍ମସଂଯମତା ରକ୍ଷାକରି ବିଭିନ୍ନ ନୀତି ନିୟମ ପାଳନ କରିବା ସହିତ ପବିତ୍ର କୋରାନ ପାଠ କରିଥାନ୍ତି ।

ରମ୍‌ଜାନ ହେଉଛି ଇସ୍‌ଲାମିକ୍ ଚନ୍ଦ୍ର କ୍ୟାଲେଣ୍ଡରର ନବମ ମାସ ଏବଂ ଏହି ଉପବାସ ମାସର ଶେଷରେ ଇଦ୍-ଉଲ୍-ଫିତର ପାଳନ କରାଯାଏ। ଉପସାଗରୀୟ ଦେଶମାନଙ୍କରେ ଆଜି ରମଜାନର ଦ୍ୱିତୀୟ ଦିନ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କୁ ରମଜାନ ମାସର ଶୁଭେଚ୍ଛା ଜଣାଇଛନ୍ତି। ଏହି ପବିତ୍ର ମାସ ସମସ୍ତଙ୍କ ଜୀବନରେ ଆନନ୍ଦ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ଆଣିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି।

## ଅଯୋଧ୍ୟା

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରରେ ପ୍ରାତଃରେ ହେଉଥିବା ଆରତି କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ସକାଳୁ ଦୂରଦର୍ଶନରେ ପ୍ରସାରିତ ହେଉଛି। ସକାଳ ସାଢ଼େ ୬ଟାରେ ଏହି କାର୍ଯ୍ୟକ୍ରମ ଜରିଆରେ ଭକ୍ତମାନେ ପ୍ରଭୁ ଶ୍ରୀରାମଲାଲାଙ୍କୁ ଦର୍ଶନ କରିପାରୁଛନ୍ତି।

ସୂଚନାଯୋଗ୍ୟ, ଗତ ଜାନୁୟାରୀ ମାସ ୨୨ ତାରିଖରେ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ସହିତ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା।

## ମହାନଦୀ ଟ୍ରିବ୍ୟୁନାଲ୍ ଅଧ୍ୟକ୍ଷ

ମହାନଦୀ ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ପଦରୁ ବିଚାରପତି ଏ.ଏମ୍. ଖାନ୍‌ୱିଲ୍‌କର ଇସ୍ତଫା ଦେଇଛନ୍ତି । ଭାରତର ଲୋକପାଳ ଭାବେ ଶପଥ ଗ୍ରହଣ ପୂର୍ବରୁ ସେ ତାଙ୍କ ଇସ୍ତଫାପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି । ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳବିବାଦର ସମାଧାନକୁ ନେଇ ଗଠିତ ଟ୍ରିବ୍ୟୁନାଲ୍‌ରେ ନୂତନ ଅଧ୍ୟକ୍ଷ ପଦ ପୂରଣ ପାଇଁ ସୁପ୍ରିମକୋର୍ଟଙ୍କୁ କେନ୍ଦ୍ର ସରକାର ନାମ ତାଲିକା ମାଗିବାର ପ୍ରାବଧାନ ରହିଛି । ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦର ସମାଧାନ ଲାଗି ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ୨୦୧୮ ମସିହା ମାର୍ଚ୍ଚ ମାସ ୧୨ ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ଗଠନ

ହୋଇଥିଲା ।  କେନ୍ଦ୍ର ସରକାର ଏହି ଟ୍ରିବ୍ୟୁନାଲ୍‌ର କାର୍ଯ୍ୟକାଳ ଆସନ୍ତା ୨୦୨୬ ମସିହା ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଉଛି ।  ବୌଦ୍ଧ, ସୁବର୍ଣ୍ଣପୁର, ମାଲକାନଗିରି ଏବଂ ଭବାନୀପାଟଣାରେ ଗତକାଲି ଦିନ ତାପମାତ୍ରା ୩୭ ଡିଗ୍ରୀରୁ ଅଧିକ ଥିଲା ।  ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ୩୬ ଡିଗ୍ରୀରୁ ଅଧିକ ରହିଥିଲା ।  ଆସନ୍ତା ୩ ଦିନ ମଧ୍ୟରେ ଦିନ ତାପମାତ୍ରା ୪ରୁ ୬ ଡିଗ୍ରୀ ବୃଦ୍ଧି ପାଇବ ଏବଂ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ଅଧିକ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।

*********************************